# ଶୋଭାଯାତ୍ରାର ନିୟମାବଳୀ

ନିମ୍ନଲିଖିତ ନିୟମାବଳୀ ସୂଚାରୁରୂପେ ମାନି ଚଳିବେ । ଏଥିରେ ବ୍ୟତକ୍ରମ କଲେ ଆଇନ୍ ଅନୁଯାୟୀ ଦଣ୍ଡନୀୟ ହେବେ । (ପୋଲିସ୍ ଆଇନ୍ ୩୦ ଧାରା)

୧. ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ଲାଇସେନ୍ସଧାରୀ ଏବଂ ମେଢ଼ର ମୁରବୀମାନେ ମେଢ଼ ସହ ବିସର୍ଜନ ଶେଷଯାଏ ରହିବେ ।

୨. ଶୋଭାଯାତ୍ରାର ଲୟକୁ ସୀମିତ ରଖିବେ ।

୩. ଶୋଭାଯାତ୍ରାରେ ଆସୁଥିବା ଲୋକମାନେ କୌଣସି ପ୍ରକାର ମାଦକ ଦ୍ରବ୍ୟ ଯଥା – ମଦ, ଭାଙ୍ଗ, ଗଞ୍ଜେଇ, ବ୍ରାଉନ୍‌ସୁଗାର ଇତ୍ୟାଦି ଖାଇପାରିବେ ନାହିଁ କିମ୍ବା ସାଙ୍ଗରେ ଆଣିବେ ନାହିଁ ।

୪. ଯଦି କେହି ମାଦକ ଦ୍ରବ୍ୟ ଖାଇଥିବାର ବା ପାଖରେ ରଖିଥିବାର ସନ୍ଦେହ କରାଯାଏ ତାହାହେଲେ ତାଙ୍କୁ ଶୋଭାଯାତ୍ରାରୁ ବହିଷ୍କୃତ କରାଯିବ । ଏଥିରେ ବାଧାଦେଲେ ଆଇନ୍ ଅନୁଯାୟୀ ଦଣ୍ଡନୀୟ ହେବେ ।

୫. ଶୋଭାଯାତ୍ରାରେ ଆସୁଥିବା ଲୋକମାନେ କୌଣସି ପ୍ରକାର ମାରଣାସ୍ତ୍ର ଯଥା – ଲାଠି, ତରୁଆଲ୍, ତୀର, ବର୍ଚ୍ଛା, ବନ୍ଧୁକ, ରିଭଲଭର ଇତ୍ୟାଦି ଆଣିପାରିବେ ନାହିଁ ।

୬. ଶୋଭାଯାତ୍ରାରେ ଲାଠି, ବନାଟି, ତଲୁଆଲ୍ ଇତ୍ୟାଦି ବୁଲାଇବା ନିଷେଧ । ଶୋଭାଯାତ୍ରାରେ ଗାମୁଛା, ରୁମାଲ୍ ହଲେଇ ନାଚିପାରିବେ ନାହିଁ । ଯଦି କେହି ଏହାକୁ ଅମାନ୍ୟ କରନ୍ତି ତାଙ୍କୁ ଶୋଭାଯାତ୍ରାରୁ ବାହାର କରିବା ସଙ୍ଗେ ସଙ୍ଗେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବ ।

୭. ଶୋଭାଯାତ୍ରା ପୋଲିସ୍ ଅଫିସରଙ୍କ ଆଦେଶ ଅନୁଯାୟୀ ପରିଚାଳିତ ହେବ ।

୮. ଆବଶ୍ୟକସ୍ଥଳେ ଦରକାର ମନେ କୌଣସି ସ୍ଥାନରେ ବାଜା ବଜାଇବା ବନ୍ଦ କରି ଦିଆଯାଇପାରେ ଓ ଲାଇସେନ୍ସରେ ଦିଆଯାଇଥିବା ଶୋଭାଯାତ୍ରାର ଗତିପଥ ବଦଳାଯାଇପାରେ ।

୯. ଶୋଭାଯାତ୍ରା ଧାରାବାହିକ ଓ ନିୟମାନୁଯାୟୀ ପରିଚାଳିତ ହେବ । ଦରକାର ପଡ଼ିଲେ ରାସ୍ତା ସଫା ରଖିବା ପାଇଁ ଆଦେଶ ଦିଆଯିବ । ସେହି ଅନୁଯାୟୀ ମେଢ଼ର ମୁରବୀମାନେ ରାସ୍ତା ସଫା ରଖିବାପାଇଁ ବାଧ ହେବେ ।

୧୦. ମହତାବ୍ ବାଣ ବ୍ୟତୀତ ଅନ୍ୟ କୌଣସି ପ୍ରକାର ବାଣ ବ୍ୟବହାର କରିପାରିବେ ନାହିଁ। ମାତ୍ର ୪ଟି ବାଡ଼ି ମହତାବ୍ ଜଳାଇବା ପାଇଁ ରଖିପାରିବେ।

୧୧. ଗଣ୍ଡଗୋଳ ଆଶଙ୍କା ଥିଲେ ଯେକୌଣସି ସ୍ଥାନରେ ମେଢ଼କୁ ବନ୍ଦ କରିଦିଆଯାଇପାରେ।

୧୨. କୌଣସି ମେଢ଼ ରାସ୍ତାର ମଝିରେ କିମ୍ବା ରାସ୍ତାକୁ ଅବରୋଧ କରି ରଖିପାରିବେ ନାହିଁ। ରଖିଲେ ଅନ୍ୟତ୍ର ବାହାର କରିଦିଆଯିବ।

୧୩. ଲାଇସେନ୍ସରେ ଦିଆଯାଇଥିବା ନିର୍ଦ୍ଧାରିତ ସମୟ ମଧ୍ୟରେ ଶୋଭାଯାତ୍ରା ବାହାରି ମେଢ଼ ଯଥା ସମୟରେ ଜଳାଶାୟୀ ହେବ।

୧୪. ସ୍ତ୍ରୀଲୋକ ନାଚ ପୁରାପୂରି ନିଷେଧ।

୧୫. ଲାଇସେନ୍ସରେ ଉଲ୍ଲେଖଥିବା ସ୍ଥାନମାନଙ୍କରେ ନିର୍ଦ୍ଧାରିତ ସମୟରେ ମହତାବ୍ ଜଳାଇପାରିବେ ଏବଂ ଶୃଙ୍ଖଳିତ ଭାବେ ନାଚିପାରିବେ।

୧୬. ଶୋଭାଯାତ୍ରାରେ ମାତ୍ରାଧିକ ଶବ୍ଦ ନ ହେଲା ଭଳି ବ୍ୟବସ୍ଥା କରିବେ।

୧୭. କୌଣସି ଜାତି କିମ୍ବା ସଂପ୍ରଦାୟର ଲୋକମାନଙ୍କ ମନରେ ଆଘାତ ଦେଲାଭଳି କୌଣସି ବ୍ୟକ୍ତିବିଶେଷଙ୍କର ସାମଞ୍ଜସ୍ୟ ଥାଇ କୌଣସି ମୂର୍ତ୍ତି, ପ୍ଲାକାର୍ଡ, ଆଲୋକସଜ୍ଜା ମେଢ଼ ଶୋଭାଯାତ୍ରାରେ ପ୍ରଦର୍ଶନ କରିପାରିବେ ନାହିଁ।

୧୮. ମେଢ଼ ଶୋଭାଯାତ୍ରାରେ ଅନ୍ୟ କୌଣସି ମୂର୍ତ୍ତି ବା ଆପତ୍ତିଜନକ ମନ୍ତବ୍ୟ ଥିବା ପ୍ଲାକାର୍ଡ ଇତ୍ୟାଦି ନେବାପାଇଁ ନିଷେଧ କରାଗଲା।

୧୯. ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଶବ୍ଦ ପ୍ରଦୂଷଣର ସମସ୍ତ ନିୟମାବଳୀ ଶୋଭାଯାତ୍ରାରେ ପାଳନ କରାଯିବ।

୨୦. ଉପରୋକ୍ତ ନିୟମାବଳୀରୁ କୌଣସି ଗୋଟିଏ ମାତ୍ର ନିୟମ ଲଙ୍ଘନ କଲେ ଦିଆଯାଇଥିବା ଲାଇସେନ୍ସକୁ ରଦ୍ଦ କରିଦିଆଯିବ।

****